

ଶ୍ରୀରାମ ଚରିତ ମାନସ

ଗୋସ୍ୱାମୀ ତୁଳସୀଦାସଙ୍କ ରଚିତ ଶ୍ରୀରାମଚରିତ ମାନସ କେବଳ ଏକ ଧାର୍ମିକ ଗ୍ରନ୍ଥ ନୁହେଁ। ସାମାଜିକ ଜୀବନ ଉପରେ ଏହାର ଗଭୀର ପ୍ରଭାବ ସମଗ୍ର ବିଶ୍ୱରେ ସ୍ୱୀକୃତ। ମାନସର ମର୍ମଜ୍ଞ ବିଦ୍ୱାନ, କେନ୍ଦ୍ରାପଡା ଅଭୟା ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ, ସ୍ୱର୍ଗତ ପଣ୍ଡିତ ବାଞ୍ଛାନିଧି ଦାଶଙ୍କ ଦ୍ୱାରା ଲୋକପ୍ରିୟ ନବାକ୍ଷରୀ ଛନ୍ଦରେ ହୋଇଥିବା ଏହାର ଭାବଗର୍ଭକ ଅନୁବାଦ 'ଶ୍ରୁତି'ରେ ସଂପୂର୍ଣ୍ଣ ପ୍ରକାଶିତ ହେବା ପରେ ଆମ ପାଠକମାନଙ୍କ ଅନୁରୋଧରେ ପୁନଃ ପ୍ରକାଶିତ ହେଉଛି। ପୂର୍ବପରି ଏହା ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା।

ଦୋହା

ଜେହି ବିଧି ହୋଇହି ପରମହିତ,
ନାରଦ ସୁନହୁ ତୁମ୍ହାର।
ସୋଇ ହମ କରବ ନ ଆନକଛୁ,
ବଚନ ନ ମୃଷା ଛମାର ॥୧୩୨॥
ଶୁଣ ନାରଦ ମୋର କଥା।
ମନରୁ ତ୍ୟାଗ କର ଚିନ୍ତା ॥
ପରମ ହିତ ଯେଉଁ ପରି।
ସାଧନ ହୋଇବ ତୁମ୍ଭରି ॥
ତାହା ମୁଁ ଅବଶ୍ୟ କରିବି।
ଅନ୍ୟ ବିଚାର ଛାଡି ଦେବି ॥
ଶୁଣ ଦେବର୍ଷି ମନ ଦେଇ।
ମୋ ବାକ୍ୟ କେବେ ମିଥ୍ୟା ନୋହି ॥
କୁପଥ ମାଗ ରୁଜବ୍ୟାକୁଲ ରୋଗୀ ॥
ବୈଦ ନଦେଇ ସୁନହୁ ମୁନି ଜୋଗୀ ॥
ଏହି ବିଧିହିତ ତୁମ୍ହାର ବୈଂ ଠୟଉ।
କହି ଅସ ଅନ୍ତର ହିତ ପ୍ରଭୁ ଭୟଉ ॥
ହେ ଯୋଗୀ ମହାମୁନି ଶୁଣ।
କହୁଛି ତାହାର କାରଣ ॥
ରୋଗ ବ୍ୟାକୁଲ ରୋଗୀ ଯେହୁ।
କୁପଥ୍ୟ ଯଦି ମାଗେ ସେହୁ ॥
ଉତ୍ତମ ବୈଦ୍ୟ ଯେ ବୋଲାଇ।
ସେ କେବେ ତାହା ଦିଏ ନାହିଁ ॥
ଏତିକି କହି ଭଗବାନ।
ସେଠାରୁ ହେଲେ ଅନ୍ତର୍ଦ୍ଧାନ ॥
ମାୟା ବିବସ ଭଏ ମୁନିମୃଢା।
ସମୁଝୀ ନହିଁ ହରି ଗିରା ନିଗୂଢା ॥
ଗବନେ ତୁରତ ତହାଁ ରିଷି ରାଈ।
ଜହାଁ ସ୍ୱୟଂବର ଭୂମି ବନାଈ ॥
ହରିଙ୍କ ମାୟା ବଶ ହୋଇ।
ଜ୍ଞାନକୁ ଦେଲେ ସେ ହଜାଇ ॥
ପ୍ରଭୁଙ୍କ ବାକ୍ୟ ଅତି ଗୂଢ।
ମୁନି ହୋଇଲେ ମହାମୂଢ ॥
ସରଳକଥା ପ୍ରଭୁଙ୍କର।
ବୁଝିଲେ ନାହିଁ ମୁନିବର ॥
ତୁରିତେ ଚଳି ଗଲେ ତହିଁ।
ସ୍ୱୟଂବରର ଭୂମି ଯହିଁ ॥
ବିଚିତ୍ର ଭାବେ ନିର୍ମାଣ।
ହୋଇ ହରଇ ମୁନିମନ ॥
ନିଜ ନିଜ ଆସନ ବୈଠେ ରାଜା।
ବହୁ ବନାବ କରି ସହିତ ସମାଜା ॥
ମୁନି ମନ ହରଷ ରୂପ ଅତି ମୋରେଂ।
ମୋହି ତଜି ଆନହି ବରିହି ନ ଭୋରେଂ ॥
ନୃପତି ଗଣେ ହୋଇସଜ।
ସଙ୍ଗରେ ଘେନିଣ ସମାଜ ॥
ବହୁତ ଆଡମ୍ବର ତୁଲେ।
ସ୍ୱ ସ୍ୱ ଆସନେ ବସିଥିଲେ ॥
ସେ ସ୍ଥାନେ ହୋଇ ଉପସ୍ଥିତ।
ନାରଦ ଅତି ଆନନ୍ଦିତ ॥
ଭାବନ୍ତି ମନେ ଏବେ ମୋର।
ରୂପତ ଅତି ଚମତ୍କାର ॥

❖❖❖... କ୍ରମଶଃ

ଗଛରୁ ଯୁବତୀଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର, ହତ୍ୟା ସନ୍ଦେହ

ଝୁମ୍ପୁରା, ୨୭।୬(ଶ୍ରୁ.ମି.) : ଝୁମ୍ପୁରା ଥାନା ଅନ୍ତର୍ଗତ ଷ୍ଟେଟ ବ୍ୟାଙ୍କ ନିକଟରେ ସୋମବାର ସକାଳୁ ଜଣେ ଯୁବତୀଙ୍କ ମୃତଦେହ ଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ ଜନସାଧାରଣ। ଯୁବତୀ ଜଣକ ବେକରେ ଦୌଡି ଦେଇ ଆତ୍ମହତ୍ୟା କରିଥିବା ଖବର ଦ୍ରୁତ ଗତିରେ ବଜାରରେ ପ୍ରଚାର ହେବା ସହିତ ସ୍ଥାନୀୟ ଜନସାଧାରଣ ଏ ସମ୍ପର୍କରେ ଝୁମ୍ପୁରା ଥାନାକୁ ଅବଗତ କରିଥିଲେ। ଝୁମ୍ପୁରା ଥାନା କର୍ତ୍ତୃପକ୍ଷ ଖବର ପାଇ ସଙ୍ଗେ ସଙ୍ଗେ ଯୁବତୀ ଆତ୍ମହତ୍ୟା କରିଥିବା ସ୍ଥାନରେ ପହଞ୍ଚି ଶବକୁ ଜବଦ କରିବା ସହିତ ମୃତ ଯୁବତୀ ପରିଚୟ ସଂଗ୍ରହ କରିଥିଲେ। ବେକରେ ଦୌଡି ଦେଇ ଆତ୍ମହତ୍ୟା କରିଥିବା ଯୁବତୀ ଜଣକ ଝୁମ୍ପୁରା ଠାରେ ରହିଥିବା ଏକ କପଡା ଦୋକାନରେ ବିତରକ ଭାବେ କାର୍ଯ୍ୟକରୁଥିବା ଜାଣିବାକୁ ପାଇଥିଲେ। ମୃତ ଯୁବତୀଙ୍କ ଘର ରରୁଆଁ ଥାନା ଅନ୍ତର୍ଗତ ଜାମୁନାଳିଆ ଗ୍ରାମରେ ବୋଲି ଜଣାପଡିବା ପରେ ପୁଲିସ ମୃତ ଯୁବତୀଙ୍କ ପରିବାରକୁ ଖବର ଦେଇଥିଲେ। ମୃତ ଯୁବତୀର ବାପା ମିହିର ଗିରି ପୁଲିସ ଠାରୁ ଖବର ପାଇବା ପରେ ତାଙ୍କ ଝିଅ ରେଣୁକା ଗିରି(୨୩) ଆତ୍ମହତ୍ୟା କରିଥିବା ସ୍ଥାନକୁ ଆସି ପହଞ୍ଚିବା ଝିଅ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଆତ୍ମହତ୍ୟା କରିଥିବା ଝିଅର ବାପା ଏ ସମ୍ପର୍କରେ ଝୁମ୍ପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମୃତ ଯୁବତୀ ଜଣକ ୩ ମାସ ହେଲା ଝୁମ୍ପୁରା ଠାରେ ରହିଥିବା ଏକ କପଡା ଦୋକାନରେ କାମ କରୁଥିଲେ। ମୃତ ଯୁବତୀ ଗୋଡ ତେଳେ ଲାଗିଥିବାରୁ ଏହା ଆତ୍ମହତ୍ୟା ନୁହେଁ ହତ୍ୟା କରାଯାଇଛି ବୋଲି ଜନସାଧାରଣରେ ଆଲୋଚନା ଜୋର ଧରିବା ପରେ ପୁଲିସ ପକ୍ଷରୁ ପୁଲିସ ପକ୍ଷରୁ ବାରିପଦାରୁ ସାଣ୍ଟିଫିକଟିମ୍ ଡକାଇବା ସହିତ ମାଜିଷ୍ଟେଟ ପ୍ରତିଭା ପୃଷ୍ଟି, ଝୁମ୍ପୁରା ଥାନା ଅଧିକାରୀ ବିରେନ୍ଦ୍ର ଶିଆଳଙ୍କ ଉପସ୍ଥିତିରେ ଅପରାହ୍ନ ୪ଟାରେ ଶବକୁ ଗଛରୁ ଓହ୍ଲାଇବା ପରେ ପୁଲିସ ଏକ ମାମଲା ରୁଜୁ କରିବା ପରେ ଶବ ବ୍ୟବଚ୍ଛେଦ କରିବା ପାଇଁ ପଠାଇଥିବା ଦେଖିବାକୁ ମିଳିଛି। ଶବ ବ୍ୟବଚ୍ଛେଦ ତଥ୍ୟ ଆସିବା ପରେ ପ୍ରକୃତ ରହସ୍ୟ ଜଣାପଡିବ ବୋଲି ପୁଲିସ ସୂଚନା ପ୍ରଦାନ କରିଛି।

ନଳକୂଅରୁ ବାହାରୁଛି ଗୋଳିଆ ପାଣି

ଗ୍ରାମବାସୀଙ୍କ ଅଭିଯୋଗ ପରେ ମରାମତି ହେଲାନି ନଳକୂଅ

ଝୁମ୍ପୁରା, ୨୭।୬(ଶ୍ରୁ.ମି.) : ଝୁମ୍ପୁରା ବ୍ଲକ ବଡ଼ନେଉଳି ପଞ୍ଚାୟତ ଅନ୍ତର୍ଗତ ପାହାଡପୁର ୭ ନମ୍ବର ୱାର୍ଡରେ ରହିଥିବା ନଳକୂଅରୁ ଗୋଳିଆ ପାଣି ବାହାରୁ ଥିବାରୁ ଏହି ୱାର୍ଡର ଜନସାଧାରଣ ପିଇବା ପାଣି ଟୋପାଏ ପାଇଁ ଘୋର ଅସୁବିଧାର ସମ୍ମୁଖିନ ହେଉଥିବା ସମ୍ପର୍କରେ ୱାର୍ଡବାସୀ ସୂଚନା ପ୍ରଦାନ କରିଛନ୍ତି। ପାହାଡପୁର ସାତ ନମ୍ବର ୱାର୍ଡରେ ରହିଥିବା ନଳକୂଅ ଉପରେ ୱାର୍ଡ ବାସିନ୍ଦା ସଂପୂର୍ଣ୍ଣ ନିର୍ଭର କରିଆସୁଥିଲେ। ପୂର୍ବରୁ ନଳକୂଅରୁ ଠିକ୍ ପାଣି ବାହାରୁଥିଲା କିନ୍ତୁ ୨ ମାସରୁ ଉର୍ଦ୍ଧ୍ୱ ହେବ ଏହି ନଳକୂଅରୁ ବର୍ତ୍ତମାନ ଦୂଷିତ ଗୋଳିଆ ପାଣି ବାହାରୁଛି ଯାହାକି ବ୍ୟବହାର ପାଇଁ ଅନୁପଯୁକ୍ତ ହୋଇପଡିଛି। ନଳକୂଅରୁ ଦୂଷିତ ପାଣି ବାହାରିବାରୁ ଏହି ପାଣି ପିଇବା ପାଇଁ ଅନୁପଯୁକ୍ତ ହେବାକୁ ୱାର୍ଡବାସୀ ଏ ସମ୍ପର୍କରେ ଝୁମ୍ପୁରା ଠାରେ ରହିଥିବା ଗ୍ରାମ୍ୟଜଳଯୋଗାଣ ଅଧିକାରୀ ପାଖରେ ଅଭିଯୋଗ କରିଥିଲେ। ୱାର୍ଡବାସୀ ଙ୍କ ଅଭିଯୋଗ ପାଇବା ପରେ ନଳକୂଅ ମରାମତି କରିବା ପାଇଁ ବିଭାଗୀ କର୍ମକର୍ତ୍ତା ମାନେ ଆସିଥିଲେ କିନ୍ତୁ ନଳକୂଅ ଠିକ୍ କହି ଚାଲିଗଲେ। ବର୍ତ୍ତମାନ ଏହି ନଳକୂଅରୁ କଳଙ୍କି ଯୁକ୍ତ ସଂପୂର୍ଣ୍ଣ ଗୋଳିଆ ପାଣି ବାହାରୁଛି ଏହି ପାଣିକୁ ଗରା କିମ୍ବା ହାଣ୍ଡିରେ ରଖି ହାଣ୍ଡି ଗରା ଗୁଡିକ ମଧ୍ୟ କିଛି ଦିନ ପରେ ସଂପୂର୍ଣ୍ଣ ଭାବରେ ନାଲ ପଡି ଯାଉଛି। ଏହି ନଳକୂଅରେ ଲାଗିଥିବା ସମସ୍ତ ପାଇପ ଗୁଡିକୁ ବାହାର କରି ନୂତନ ପାଇ ଲଗାଇଲେ ପୁଣିଥରେ ଆଗରୁ ୱାର୍ଡବାସୀ ଯେପରୀ ପିଇବା ପାଣି ପାଉଥିଲେ ସେହିପରି ପାଣି ପାଇ ପାରନ୍ତେ ବୋଲି କହିଛନ୍ତି। ଏହି ନଳକୂଅରେ ଲାଗିଥିବା ପୁରୁଣା ପାଇପ ଗୁଡିକୁ ବଦଳାଇବା ଦିଗରେ ଗ୍ରାମ୍ୟଜଳ ଯୋଗାଣ ବିଭାଗ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ୱାର୍ଡ ବାସୀଙ୍କ ତରଫରୁ ମତ ପ୍ରକାଶ ପାଉଛି।

ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ସ୍ତରୀୟ ଜନଶୁଣାଣୀ ଶିବିର

ନବରଙ୍ଗପୁର, ୨୭।୦୬(ଶ୍ରୁ.ମି.) : ନବରଙ୍ଗପୁର ଜିଲ୍ଲା ତେନ୍ତୁଳଖୁଣ୍ଟି ବ୍ଲକ୍‌ସ୍ତରୀୟ ଜନଶୁଣାଣୀ ଶିବିର ଆଜି ପଞ୍ଚାୟତ ସମିତି ସଭାଗୃହରେ ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏହି ପଞ୍ଚାୟତ ସମିତି ର ବିଭିନ୍ନ ଅଞ୍ଚଳ ରୁ ଜିଲ୍ଲାପାଳଙ୍କୁ ଭେଟି ନିଜର ତଥା ନିଜ ଅଞ୍ଚଳ ର ସମସ୍ୟା, ଆପତ୍ତି ଅଭିଯୋଗ ଜଣାଇ ବା ପାଇଁ ଆସିଥିବା ୬୫ ଜଣଙ୍କର ନାମ ପଞ୍ଜିକରଣ କରାଯାଇଥିଲା। ସେଥିମଧ୍ୟରୁ ୪୫ ଜଣଙ୍କର ବ୍ୟକ୍ତିଗତ ଆପତ୍ତି ଅଭିଯୋଗ ରହିଥିବାବେଳେ ୨୦ ଗୋଟି ଗୋଷ୍ଠି ଗତ ଥିଲା। ଏଥିରେ ପାନୀୟଜଳ, ସ୍ୱାସ୍ଥ୍ୟ ସେବା, ପ୍ରଧାନମନ୍ତ୍ରୀ ଆବାସ, ବାର୍ଦ୍ଧକ୍ୟ ଭତ୍ତା, ଶିକ୍ଷା ବ୍ୟବସ୍ଥା, ରାସ୍ତା ମରାମତି, ନିର୍ମାଣ, ଜଙ୍ଗଲ ଜମି ପଟ୍ଟା, ଅଧା ନିର୍ମାଣ ହୋଇ ରହିଥିବା ଅଙ୍ଗନୱାଡ଼ି କେନ୍ଦ୍ର, ମିଶନ ଶକ୍ତି ଗୃହର ପୂର୍ଣ୍ଣାଙ୍ଗ କରଣ, ପଞ୍ଚାୟତ କାମର ବକେଆ ପାଉଣା, ବିଜୁଳି ସଂଯୁକ୍ତ କରଣ, ଉଚ୍ଚ ଶିକ୍ଷା ପାଇଁ ଆର୍ଥିକ ସହାୟତା, ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଆବଶ୍ୟକ ସହାୟତା, ଜମିଜମା ସଂକ୍ରାନ୍ତୀୟ ଇତ୍ୟାଦି ଅନ୍ତର୍ଭୁକ୍ତ।

ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ର, ଲୋକଙ୍କର ସମସ୍ୟା, ବ୍ୟକ୍ତି ଗତ ଆପତ୍ତି, ଅଭିଯୋଗ ଜଣାଇ ବା ପାଇଁ ଆସିଥିବା ସମସ୍ତ ଜନସାଧରଣଙ୍କୁ ଭେଟି ତାଙ୍କର ଆପତ୍ତି ଅଭିଯୋଗ ଶୁଣାଣୀ କରିବା ସହିତ ସମସ୍ତଙ୍କ ଠାରୁ ଦରଖାସ୍ତ ଗ୍ରହଣ କରି ଏହାର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲା ତଥା ବ୍ଲକ୍‌ସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ନିଜ ନିଜ ସ୍ତରରେ ଲୋକଙ୍କର ରହିଥିବା ଆବଶ୍ୟକ ବିଭିନ୍ନ ସମସ୍ୟାର ସମାଧାନ ପ୍ରତି ଯତ୍ନବାନ୍ ହୋଇ ସେବା ମନୋଭାବ ନେଇ କାର୍ଯ୍ୟକରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ. ସୁଶ୍ରୀ, ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ରତ୍ନାକର ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର କାଳୀ ପ୍ରସାଦ ବେହେରା, ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଅଭିମନ୍ୟୁ ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ, ପ୍ରଦୀପ କୁମାର ନାଗ, ଅଧୀକ୍ଷଣ ଯନ୍ତ୍ରୀ ପୂର୍ତ୍ତ ବିଭାଗ, ପ୍ରଫୁଲ୍ଲ କୁମାର ମିଶ୍ର, ଉପନିର୍ଦ୍ଦେଶକ କୃଷି ଉଦ୍ୟାନ ଭିଭାଗ ଡକ୍ଟର ପ୍ରଦୋଷ କୁମାର ପଣ୍ଡା, ଅଧିକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଅମରେନ୍ଦ୍ର କୁମାର ପାଢ଼ୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଶିଶିର କୁମାର ପାଣି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ହଳଧର ନୀଆଳ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସ୍ୱର୍ଣ୍ଣ ଲତା ବିଶ୍ୱାସ, ଜିଲ୍ଲା ମତ୍ସ୍ୟ ଧିକାରୀ ଜଗଦୀଶ ରାଓ, ନିର୍ବାହୀ ଯନ୍ତ୍ରୀ ଉଠା ଜଳସେଚନ ବିଭାଗ ଦିଲିପ୍ କୁମାର ଦାସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁରେଶ କୁମାର ପଟ୍ଟନାୟକ, ଜିଲ୍ଲା କର୍ମ ନିଯୋଜନ ଅଧିକାରୀ ତତ୍ ମଣି ମହାପାତ୍ର, ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ଥାନୀୟ ଜିଲ୍ଲାପରିଷଦ ସଭ୍ୟ, ସଭ୍ୟା, ପଞ୍ଚାୟତ ସମିତି ଅଧକ୍ଷା,ଗୋଷ୍ଠି ଉନ୍ନୟନ ଅଧିକାରୀ, ତହସିଲଦାର, ପୋଲିସ ପ୍ରଶାସନ ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ୧୦ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରା ଏ ସାଇକଲ, ୧୫ ଜଣ ଦୀବ୍ୟାଙ୍ଗ ଙ୍କୁ ହୁଇଲ ଚେୟର, ୫ ଜଣଙ୍କୁ ଅନ୍ଧ ଛଡ଼ି ଏବଂ ଜିଲ୍ଲା ଜରୁରୀ କାଳୀନ ବିଭାଗ (ରେଡକ୍ରସ) ତରଫରୁ ୬୦ ଟି ସ୍ୱଚ୍ଛତା କିଟ୍ ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ର, ଆରକ୍ଷୀ ଅଧିକ୍ଷକ ଏସ. ସୁଶ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

ର୍ତିର୍ତ୍ତୋଲ ଶାରଳା ସମବାୟ ସୂତାକଳକୁ ନେଇ ଦାନାବାନ୍ଧୁଛି ଆନ୍ଦୋଳନ

କଂଗ୍ରେସର ପ୍ରେସମିଟ୍‌କୁ ଆସିଲେନି ଅନେକ ଛାମୁଆ ନେତା

ଜଗତସିଂହପୁର, ୨୭।୬(ଶ୍ରୁ.ମି.) : ଜିଲ୍ଲାର ର୍ତିର୍ତ୍ତୋଲ ବ୍ଲକ ନାଉସିରା ଠାରେ ଦୀର୍ଘଦିନ ହେବ ବନ୍ଦ ପଡିଥିବା ଶାରଳା ସମବାୟ ସୂତାକଳକୁ ନେଇ ମଣ୍ଡ ଟେକିଲାଣି ଆନ୍ଦୋଳନ। ୧୯୮୨ ମସିହାରେ ପ୍ରତିଷ୍ଠା ହୋଇ ୧୯୮୪ ମସିହାରେ କାର୍ଯ୍ୟକ୍ଷମ ହୋଇଥିବା ଏହି ର୍ତିର୍ତ୍ତୋଲର ଏହି ଶାରଳା ସମବାୟ ସୂତାକଳଟି ଦୀର୍ଘ ୨୨ବର୍ଷ ଧରି ବନ୍ଦ ପଡିଥିବାବେଳେ ଗତ ଦୁଇ ଦିନ ତଳେ ଋଣ ଅନାଦେୟକୁ ନେଇ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ସୂତାକଳ ଫାଟକରେ ନୋଟିସ ଲଗାଯିବା ଘଟଣାକୁ ନେଇ ଜଗତସିଂହପୁର ଜିଲ୍ଲାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଏନେଇ ର୍ତିର୍ତ୍ତୋଲ କଂଗ୍ରେସ କମିଟି ପକ୍ଷରୁ ର୍ତିର୍ତ୍ତୋଲ ବଜାର ସ୍ଥିତ ଆନନ୍ଦ ମଣ୍ଡପ ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବାବେଳେ ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ଆଗଧାଡିର ଅନେକ ଛାମୁଆ ନେତାଙ୍କ ମୁହଁ ଦେଖିବାକୁ ମିଳି ନଥିଲା। ଋଣ ପରିଶୋଧ କରି ସରକାର ତୁରନ୍ତ ଏହାର ପୁନଃକାର୍ଯ୍ୟକ୍ଷମ କରିବାକୁ ଏହି ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଥିଲା। ଶାସକଦଳ ଓ ସରକାରଙ୍କ ଆନ୍ତରିକତାର ଅଭାବରୁ ଏହି ଶିଳ୍ପ କାରଖାନାର ପୁର୍ନଉଦ୍ଧାର ହୋଇପାରୁନାହିଁ। ଗତ ଉପନିର୍ବାଚନରେ ଶାସକଦଳ ଶାରଳା ସମବାୟ ସୂତାକଳ ପୁନଃଉଦ୍ଧାର ପ୍ରତିଶୃତି ଦେଇ ପ୍ରତାରଣା କରିଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ୨୬ ଏକର ପରିମିତ ଜମି ଉପରେ ଶାରଳା ସମବାୟ ସୂତାକଳ ଥିବାବେଳେ ବର୍ତ୍ତମାନ ପରିସ୍ଥିତିରେ ଜମିର ମୂଲ୍ୟ ଅନ୍ୟାନ୍ୟ ସରଞ୍ଜାମକୁ ଛାଡି ୫୬ କୋଟି ଟଙ୍କା ହେବ ବୋଲି କଂଗ୍ରେସ ନେତା ମାନେ ଅଭିଯୋଗ କରିଥିବା ଜଣାପଡିଛି। ଶିଳ୍ପ ସମୃଦ୍ଧ ଜଗତସିଂହପୁର ଜିଲ୍ଲାରେ ଶିଳ୍ପ ପାଇଁ ଉପଯୁକ୍ତ ଭିତ୍ତି ଭୂମି ଥିବା ଶାରଳା ସମବାୟ ସୂତାକଳକୁ କିଛିଟା ଟଙ୍କା ପାଇଁ ବ୍ୟାଙ୍କ ହାତକୁ ଯିବା ସନ୍ଦେହ ସୃଷ୍ଟି କରିଛି। କଂଗ୍ରେସ ଦଳ ପକ୍ଷରୁ ପାଞ୍ଚ ଦଫା ଦାବି ସରକାରଙ୍କ ଠାରେ ଉପସ୍ଥାପନ କରାଯାଇଥିବାବେଳେ ସରକାର ଶାରଳା ସମବାୟ ସୂତାକଳ ଋଣ ପରିଶୋଧ ଓ ପୁନଃଉଦ୍ଧାର ପାଇଁ ପଦକ୍ଷେପ ନନେଲେ କଂଗ୍ରେସ ପଲ୍ଲୀ ଠାରୁ ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ ଆନ୍ଦୋଳନ କରିବ ବୋଲି କଂଗ୍ରେସ ନେତା ମାନେ ଚେତାବନୀ ଦେଇଥିବାବେଳେ ର୍ତିର୍ତ୍ତୋଲ କଂଗ୍ରେସର ଅନେକ ଛାମୁଆ ନେତାଙ୍କ ମୁହଁ ଏହି ପ୍ରେସମିଟ୍‌ରେ ଦେଖିବାକୁ ନମିଳିବା ଘଟଣାକୁ ନେଇ ସାଧାରଣରେ ବିଭିନ୍ନ କଥା ଆଲୋଚନା ହେଉଛି। ଅପରପକ୍ଷରେ ର୍ତିର୍ତ୍ତୋଲର ଏହି ସୂତାକଳଟି ନିର୍ବାଚନ ସମୟରେ ନେତାମାନଙ୍କ ପାଇଁ କେବଳ ପ୍ରତିଶ୍ରୁତିର କଳ ପାଲଟିଥିବା କୁହାଯାଉଛି।

ଅଗ୍ନିପଥ ନିଯୁକ୍ତି ପ୍ରତିବାଦରେ ତାଳଚେର କଂଗ୍ରେସର ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ

ତାଳଚେର, ୨୭।୬(ଶ୍ରୁ.ମି) : ଅଗ୍ନିପଥ ନିଯୁକ୍ତିକୁ ବିରୋଧ କରି କଂଗ୍ରେସ ପକ୍ଷରୁ ଆଜି ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଓ ପ୍ରତିବାଦ ସଭା ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଅଗ୍ନିପଥ ନିଯୁକ୍ତି ନାମରେ ଦେଶର ଯୁବକମାନଙ୍କ ଭବିଷ୍ୟତକୁ ବିଜେପି ସରକାର ଅନ୍ଧକାର ଭିତରକୁ ଠେଲିଦେଉଛି ବୋଲି କଂଗ୍ରେସ୍ ନେତୃବୃନ୍ଦ କେନ୍ଦ୍ର ସରକାର ବିରୋଧରେ ଅଭିଯୋଗ କରିଛନ୍ତି। ମାତ୍ର ୪ ବର୍ଷ ଚାକିରୀ କାଳ ମଧ୍ୟରେ ଗୋଟିଏ ବର୍ଷ ତାଲିମ୍ ପରେ ଅବଶିଷ୍ଟ ୩ ବର୍ଷ ନିଯୁକ୍ତି ପରେ ସେମାନେ କଣ କରିବେ ବୋଲି କଂଗ୍ରେସ ଦଳ ପ୍ରଶ୍ନ କରିଛି। ଏହାଦ୍ୱାରା ଦେଶରେ ବେକାର ସଂଖ୍ୟା ବୃଦ୍ଧି ପାଇବା ସହିତ ଯୁବକ ଯୁବତୀମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଯିବ। ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ତାଳଚେର କଂଗ୍ରେସ୍ ଦାବୀ କରିଛି। ଏହି ପ୍ରତିବାଦ ସଭାରେ ବରିଷ୍ଠ କଂଗ୍ରେସ୍ ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଗମ୍ବର ଗଡନାୟକ, ଜିଲ୍ଲା ଉପସଭାପତି ତଥା ପୂର୍ବତନ ନଗରପାଳ କେଶବ ଭୂତିଆ, ଅନୁଗୋଳ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଦାସରଥି ସାହୁ, ପୂର୍ବତନ ବ୍ଲକ ସଭାପତି ହାଡିବନ୍ଧୁ ବିଶ୍ୱାଳ, କଣିହାଁ ବ୍ଲକର ପୂର୍ବତନ ସଭାପତି ଶିବରାମ ଦାସ, ଜିଲ୍ଲା ସେବାଦଳ ମୁଖ୍ୟ ସୌମ୍ୟ ସଞ୍ଜୀବ ମିଶ୍ର, ନଗର କଂଗ୍ରେସର କାର୍ଯ୍ୟକାରୀ ସଭାପତି ମହମ୍ମଦ ଜାବିର, ନଗର ଉପସଭାପତି ପ୍ରଫୁଲ ନାଏକ, ସେବାଦଳର ସଂଯୋଜକ ସଞ୍ଜୀବ ନାଏକ, ସନ୍ତୋଷ ମହାରଣା, କଣିହାଁ କୃଷକ ମୋର୍ଚ୍ଚା ସଭାପତି ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଅବକାରୀ ଚଢାଉ : ୩୯ଲିଟର ମହୁଲି ସହିତ ୪ରି ଗିରଫ

ତେଲକୋଇ, ୨୭।୬(ଶ୍ରୁ.ମି.) : କେନ୍ଦୁଝର ଜିଲ୍ଲା ଅବକାରୀ ଅଧିକ୍ଷକ ସୀତାକାନ୍ତ ମୁଦୁଲି ଓ ଡେପୁଟି ସୁପରିଟେଣ୍ଟ ବେଣୁଧର ସାମଲ ଙ୍କ ନିର୍ଦ୍ଦେଶ କ୍ରମେ ତେଲକୋଇ ଅବକାରୀ ବିଭାଗ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୩୯ଲିଟର ଦେଶୀ ମହୁଲି ମଦ ଜବଦ କରାଯିବା ସହିତ ୪ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ତେଲକୋଇ ଥାନା ଅନ୍ତର୍ଗତ ଛାମୁଣ୍ଡା ଗ୍ରାମର ସମବାରି ମୁଣ୍ଡା (୩୫), ରାଇସୁଆଁ ପଂଚାୟତ ମଲାରବେଡ଼ା ଗ୍ରାମର ତୁଳସୀ ମୁଣ୍ଡା (୬୫), ରାଇସୁଆଁ ଗ୍ରାମର ପୁରହା ମୁଣ୍ଡା (୨୨) ଓ ପାଟଖଳି ଗ୍ରାମର ସନାତନ ମହାନ୍ତ (୨୬)। ଏହି ଚଢ଼ାଉ ରେ ତେଲକୋଇ ଅବକାରୀ ବିଭାଗର ଅଧିକାରୀ ଶରତ ଚନ୍ଦ୍ର ବାରିକ, କନେଷ୍ଟବଳ ସୁମନ୍ତ କୁମାର ବେହେରା, ଫୁଲମଣି ନାଏକ ସାମିଲ ହୋଇଥିଲେ।

ଅଗ୍ନୀପଥ ଯୋଜନା ବିରୁଦ୍ଧରେ କଂଗ୍ରେସର ସତ୍ୟାଗ୍ରହ

ଚଣ୍ଡିଖୋଲ, ୨୭।୦୬(ଶ୍ରୁ.ମି.) : ଅଖିଳ ଭାରତ କଂଗ୍ରେସ କମିଟି ନିଷ୍ପତି ଓ ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶ ଅନୁସାରେ ଆଜି ବଡ଼ଚଣା ବ୍ଲକ୍ କଂଗ୍ରେସ କମିଟି ତରଫରୁ ଚଣ୍ଡିଖୋଲ ଛକ ନିକଟସ୍ଥ ବୁଦ୍ଧ ପ୍ରତିମୂର୍ତି ନିକଟରେ କେନ୍ଦ୍ର ସରକାରଙ୍କ ଅଗ୍ନୀପଥ ଯୋଜନାରେ ପ୍ରଚଳିତ ସୈନ୍ୟ ବାହିନୀ ତଥା ଯୁବ ବର୍ଗମାନଙ୍କମଧ୍ୟରେ ସୈନ୍ୟ ବାହିନୀ ଯୋଗଦେବା ସ୍ୱପ୍ନକୁ ଭୁଲିସାତ୍ କରିଦେବା ପ୍ରତିବାଦରେ ବଡ଼ଚଣା ବ୍ଲକ୍ କଂଗ୍ରେସ କମିଟି ତରଫରୁ ଚଣ୍ଡିଖୋଲ ଠାରେ ସତ୍ୟାଗ୍ରହ ଓ ଧାରଣା ଦିଆଯାଇଥିଲା। ରାଜ୍ୟ ଓବିସି ସେଲର ଉପାଧ୍ୟକ୍ଷ କ୍ୟାପଟେନ୍ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଚଣ୍ଡିଖୋଲ ଛକସ୍ଥିତ ରାଜୀବ ମେମୋରିଆଲ୍ କଲଚୁରାଲ୍ ସେଂଟର ଠାରୁ ଏକ ଶୋଭାଯାତ୍ରା ଚଣ୍ଡିଖୋଲ ଛକ ପରିକ୍ରମା କରାଯାଇ ବୁଦ୍ଧମୂର୍ତି ନିକଟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବଡ଼ଚଣା ବ୍ଲକ୍ କଂଗ୍ରେସ ସଭାପତି ଉମେଶ ଜେନାଙ୍କ ସଭାପତିତ୍ୱ ଓ ଉପ-ସଭାପତି ପବିତ୍ର କୁମାର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ପ୍ରତିବାଦ ସଭାରେ କ୍ୟାପଟେନ୍ ରାଜ ନାରାୟଣ ମହାପାତ୍ର ଯୋଗଦେଇ କେନ୍ଦ୍ର ସରକାରଙ୍କ ତୃଟିପୂର୍ଣ୍ଣ ଆର୍ଥିକ ପରିଚାଳନା ଯୋଗୁଁ ଭାରତରେ ଦରଦାମ୍ ବୃଦ୍ଧି ହେବା ସହିତ ନିଯୁକ୍ତି କ୍ଷେତ୍ରରେ ସର୍ବକାଳୀନ ବେରୋଜଗାରୀଙ୍କ ଅବସ୍ଥା ଯୁବପିଢ଼ୀ ମାନଙ୍କ ମଧ୍ୟରେ ନୈରାଶ୍ୟ ଦେଖାଦେଇଛି। କେନ୍ଦ୍ର ସରକାରଙ୍କର ଅଗ୍ନୀପଥ ଯୋଜନା ଏକ ନିର୍ବାଚନୀ ଧୂଆଁବାଣ, ଏହି ସ୍ୱଳ୍ପକାଳୀନ ନିଯୁକ୍ତି ଦ୍ୱାରା ସୈନ୍ୟ ବାହିନୀରେ ଯୋଗଦେଇ ଦେଶମାତୃକାର ସେବା କରିବାକୁ ଚାହୁଁଥିବା ଯୁବକ/ଯୁବତୀମାନେ ଦେଶ ସେବାରୁ ବଂଚିତ ହୋ ସହିତ ବେରୋଜଗାରୀ ବୃଦ୍ଧି ପାଇବ। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କଂଗ୍ରେସ ଦଳକୁ ବଦନାମ କରିବା ପାଇଁ ମିଛ ଅଭିଯୋଗ କରାଯାଇ ପ୍ରବର୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଚେଷ୍ଟା କରାଯାଉଛି। ଏହାକୁ ତୁରନ୍ତ ପ୍ରତ୍ୟାହାର କରାନଗଲେ ଆଗାମୀ ଦିନରେ କଂଗ୍ରେସ ଦଳତରଫରୁ ଆନ୍ଦୋଳନକୁ ଜୋର୍ ଦାର୍ କରାଯିବା ସହିତ କଂଗ୍ରେସ କର୍ମୀ ଉପରେ ହେବାଥିବା ଆକ୍ରମଣକୁ ବନ୍ଦ କରାନଗଲେ ଆଗାମୀ ଦିନରେ ବଡ଼ଚଣା ବ୍ଲକ୍ କଂଗ୍ରେସ କର୍ମୀ ଆନ୍ଦୋଳନ କରିବେବୋଲି ଶ୍ରୀ ମହାପାତ୍ର ଚେତାବନୀ ଦେଇଥିଲେ। ପ୍ରଦେଶ କଂଗ୍ରେସ କମିଟି ଅଗ୍ନୀପଥ ଯୋଜନା ବିରୁଦ୍ଧରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବାକୁ ନେଇ ଆଜି ୨ ଗୋଷ୍ଠ କଂଗ୍ରେସ କର୍ମୀଙ୍କ ମଧ୍ୟରେ କିଛି ସମୟ ପାଇଁ ଉତେଜନା ପ୍ରକାଶ ପାଇଥିଲା। ପୋଲିସ୍ ହସ୍ତକ୍ଷେପ ଫଳରେ ଗୋଟିଏ ଷୋଷ୍ଠୀ ସଭା ସ୍ଥଳରୁ ଚାଲିଗଲା ପରେ ଅନ୍ୟ ଏକ ଗୋଷ୍ଠୀ ପ୍ରତିବାଦ ସଭା କରିଥିଲା। ଏହି ସଭାରେ ସମିତି ସଭ୍ୟ କୁଳମଣି ବାରିକ୍, ଛାତ୍ର କଂଗ୍ରେସ ସଭାପତି ସଂଜିବ ସାମଲ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଯୋଗେନ୍ଦ୍ର ରାଉତ, ରାଜ୍ୟ ଯୁବ କଂଗ୍ରେସ ସଂପାଦକ ସୁଦିପ୍ ସମାଲ, ଉପ-ସଭାପତି ବରଦା ପ୍ରସାଦ ରାୟ, ଧୁଳେଶ୍ୱର ରାୟ, ଜୟ ପ୍ରକାଶ ବିଶ୍ୱାଳ, ଦୁଷ୍ମନ୍ତ ସାମଲ, ଜୀବନ ମହାପାତ୍ର, ରବିନ୍ଦ୍ର ସାମଲ, ବିଜୟ ମଲିକ୍, ସତ୍ୟବ୍ରତ ସାମଲ, ଉପେନ୍ଦ୍ର ବ୍ରହ୍ମ, କୁସୁମ ଦେହୁରୀ, ସିତାବତୀ ସାମଲ, ଶ୍ରୀକାନ୍ତ ମଲିକ୍ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଅଗ୍ନୀପଥ ଯୋଜନାକୁ ତୁରନ୍ତ ପ୍ରତ୍ୟାହର କରିବାକୁ ଦାବୀ କରିଥିଲେ।

ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘ ଯାଜପୁର ଜିଲା ଶାଖା ପୁନଃଗଠିତ

ଚଣ୍ଡିଖୋଲ, ୨୭।୦୬(ଶ୍ରୁ.ମି.) : ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନାମାନ ପ୍ରଣୟନ କରୁଛନ୍ତି। ବିଶେଷ କରି ସ୍ୱଂୟ ସହାୟିକା ଗୋଷୀ ମାଧ୍ୟମରେ ମହିଳାମାନଙ୍କୁ ବିଭିନ୍ନ ବ୍ୟବସାୟ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ପନି-ପରିବା, ଛତୁ, କୁକୁଡ଼ା, ଛେଳି ଓ ମଇଁଷି ଆଦି ଚାଷ ପାଇଁ ସରକାର ମହିଳା ମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେଉଛନ୍ତି। ବିଶେଷ କରି ମହିଳାମାନଙ୍କୁ ଛତୁଚାଷ କରିବା ପାଇଁ ଉନ୍ନତମାନର ବୈଷୟିକ ଜ୍ଞାନ କୌଶଳ ଓ ଅଧିକ ଉତ୍ପାଦନ ମଂଜି ଯୋଗାଇ ଦେଉଛନ୍ତି। ଏହି ଦାୟିତ୍ୱ ଗୁଡ଼ିକୁ ସୁଚାରୁ ରୁପେ ପରିଚାଳନ କରିବା ପାଇଁ ଓଡ଼ିଶାର ବିଭିନ୍ନ ଜିଲାରେ ଛତୁ ଉତ୍ପାଦନକାରୀ ମହାସଂଘ ଗଠନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ପ୍ରସିଦ୍ଧ ଶୈବପୀଠ ମହାବିନାୟକ ଠାରେ ଯାଜପୁର ଜିଲା ଛତୁ ଉତ୍ପାଦନକାରୀ ମହାସଂଘ ଶାଖାର ପୁନଃଗଠନ କରାଯାଇଛି। ଉକ୍ତ ବୈଠକରେ ପବିତ୍ର କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘର ଅଧ୍ୟକ୍ଷ ଡ଼ଃ ଅଦୈତ କୁମାର ପାତ୍ର, ସାଧାରଣ ସଂପାଦକ ପ୍ରକାଶ ଚନ୍ଦ୍ର ଦାସ ଯୋଗ ଦେଇଥିଲେ। ଯାଜପୁର ଜିଲା ଶାଖାର ପୁନଃଗଠନ ହେବା ସହିତ ବିରଂଚି ନାରାୟଣ ରଣା ସଭାପତି, ମୁକ୍ତାରାଣୀ ନାୟକ, ପଦ୍ମାବତୀ ମହାନ୍ତ ଉପ-ସଭାପତି, ତପନ କୁମାର ଦଳାଇ ସଂପାଦକ, ନିତ୍ୟାନନ୍ଦ ଦାସ ଯୁଗ୍ମ ସଂପାଦକ, ଅନ୍ନପୂର୍ଣ୍ଣା ବଳ ସଂଗଠନ ସଂପାଦକ ଓ ମନମୋହନ ସାମଲ କୋଷାଧ୍ୟକ୍ଷ ଭାବେ ମନୋନିତ ହୋଇଥିଲେ। ଆସନ୍ତା ମାସରେ ନବ ନିର୍ବାଚିତ କର୍ମକର୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ମହାସଂଘର ସାଧାରଣ ସଂପାଦକ ପ୍ରକାଶ ଚନ୍ଦ୍ର ଦାସ ଜଣାଇଛନ୍ତି।